ଧରିତ୍ରୀ
DHARITRI
ଭୁବନେଶ୍ୱର,ମଙ୍ଗଳବାର, ୨୮ ମାର୍ଚ୍ଚ ୨୦୨୩



## ଅସହାୟ ନାବାଳିକାଙ୍କୁ ଥଇଥାନ

**ଢେଙ୍କାନାଳ ଅଫିସ,୨୭।୩:** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଟୁରିଆ ଅଞ୍ଚଳର ଜଣେ ଅସହାୟ ନାବାଳିକାଙ୍କୁ ପ୍ରଶାସନ ପକ୍ଷରୁ ମହର୍ଷି ଦୟାନନ୍ଦ ସର୍ଭିସ ମିଶନରେ ସୋମବାର ଥଇଥାନ କରାଯାଇଛି। ନାବାଳିକା ଜଣଙ୍କୁ ତାଙ୍କ ବାପା ପଚାରୁ ନ ଥିବାବେଳେ ମା' ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଅଞ୍ଚଳବାସୀ ଏହାକୁ ନେଇ ଅତିରିକ୍ତ ଜିଲାପାଳଙ୍କୁ ସୋମବାର ଲିଖିତ ଭାବରେ ଜଣାଇଥିଲେ। ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ଥଇଥାନ କରାଯାଇଛି।

### ସଂକ୍ଷେପରେ

#### ପୂର୍ବତନ ସୈନିକ ସଂଘର ଚେତାବନୀ
## ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଢେଙ୍କାନାଳ ଅଫିସ,୨୭।୩:** ଢେଙ୍କାନାଳ ପୂର୍ବତନ ସୈନିକ ସଂଘ ପକ୍ଷରୁ ସହରସ୍ଥିତ ଲେଖକ ସଂସଦ ଭବନଠାରେ ସୋମବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କୈଳାସଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ବୈଠକରେ ସଂଘର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜ୍ୟ ଓ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଯବାନଙ୍କ ଠାରୁ ଆରମ୍ଭ କରି ଅନରାରୀ କମିଶନ ଅଧିକାରୀଙ୍କ ପର୍ଯ୍ୟନ୍ତ ପେନସନ ବୃଦ୍ଧିରେ ପ୍ରାପ୍ୟ ପାଇ ନ ଥିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଉଚିତ ପ୍ରାପ୍ୟ ଦାବି ପାଇଁ ଢେଙ୍କାନାଳର ପୂର୍ବତନ ସୈନିକ ସଙ୍ଗଠନ ପକ୍ଷରୁ ଏପ୍ରିଲ ୩ ତାରିଖ ସକାଳ ସାଢେ ୯ଟାରେ ସହରସ୍ଥିତ ବାଜିଚୌକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଯିବ। ପେନସନ ବୃଦ୍ଧିରେ ଥିବା ସମସ୍ୟା ବିଷୟରେ ଜିଲାପାଳଙ୍କ ମାଧମରେ ରଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ୱାନ୍ ର୍ୟାଙ୍କ୍ ୱାନ୍ ପେନସନ, ନିର୍ଦ୍ଧାରିତ ସମୟ ପୂର୍ବରୁ ଅବସର ନେଇଥିବା ସୈନିକମାନଙ୍କୁ ପେନସନରେ ସାମିଲ କରା ନ ଯିବା, ଏମ୍ଏସ୍‌ପି ପାଇଁ ଦିଆଯାଉଥିବା ଅର୍ଥରେ ବୈଷମ୍ୟ ଆଦିକୁ ନେଇ ଏହି ଶୋଭାଯାତ୍ରା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ଜୋର୍ ଧରିଲା ଆରୋପ-ପ୍ରତ୍ୟାରୋପ ରାଜନୀତି

**ଢେଙ୍କାନାଳ ଅଫିସ,୨୭।୩**

- ହିନ୍ଦୋଳ ଏନ୍ଏସି ନିର୍ବାଚନ ବାତାବରଣ ସରଗରମ
- ବିଜେଡି ସରକାରର ବିଫଳତାକୁ ମୁଖ୍ୟ ଆୟୁଧ କଲେ ବିରୋଧୀ
- ରାଜ୍ୟ ସରକାରଙ୍କ ସଫଳତାକୁ ନେଇ ଭୋଟ ମାଗିଲା ବିଜେଡି

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସି ନିର୍ବାଚନ ଆସନ୍ତା ଏପ୍ରିଲ ୩ରେ ଅନୁଷ୍ଠିତ ହେବ। ତେବେ ଭୋଟଗ୍ରହଣ ସମୟ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣରେ ଉଷ୍ମତା ସେତିକି ଭରିବାରେ ଲାଗିଛି। ନିର୍ବାଚନ ମୈଦାନରେ ପ୍ରାର୍ଥୀ ଦେଇଥିବା ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାର ଜୋର ଧରିଛି। ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟ ବିଜେଡି ସରକାରଙ୍କ ବିଫଳତା ସହ ଦୁର୍ନୀତିକୁ ମୁଖ୍ୟ ଆୟୁଧ କରି ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ବେଳେ ବିଜେଡି ପକ୍ଷରୁ ପ୍ରତି କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶା ପ୍ରତି କରୁଥିବା ବୈମାତୃକ ଭାବ ପ୍ରଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାର ସାଢେ ୪କୋଟି ଲୋକଙ୍କ ପାଇଁ ଲାଗୁ ହୋଇଥିବା ଲୋକାଭିମୁଖୀ ଯୋଜନାର ସଫଳତାକୁ ନେଇ ଭୋଟ ଭିକ୍ଷା କରାଯାଉଥିବା ଦେଖାଯାଉଛି।

ସୋମବାର ବିଜେଡି ପକ୍ଷରୁ ପ୍ରଥମକରି ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପ୍ରଚାରରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ,


ବିଜେଡି ପକ୍ଷରୁ ପ୍ରଚାର।

ବିଧାୟକ ସୁଶାନ୍ତ ବେହେରା, ମୁକେଶ ପାଲ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନା ବିହାରୀ ଦାସ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ସମେତ ଦଳର ନଗରପାଳ ପ୍ରାର୍ଥୀ କେଶବଚନ୍ଦ୍ର ପ୍ରଧାନ ଏନ୍ଏସିର ୧୩, ୧୪, ୧୫ ଓ ୫ନଂ ୱାର୍ଡରେ ବୁଲି ଭୋଟ ମାଗିଥିଲେ। ସେହିପରି ଭାଜପା ପକ୍ଷରୁ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ପ୍ରମୁଖ ବିଭିନ୍ନ ୱାର୍ଡ ବୁଲି ଦଳୀୟ ନଗରପାଳ ପ୍ରାର୍ଥୀ ସୌଭାଗିନୀ ପ୍ରଧାନ ଓ କାଉନସିଲର ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ବିଫଳତା ଏବଂ ଏନ୍ଏସି ଅଞ୍ଚଳରେ ପାନୀୟଜଳ, ସ୍ୱାସ୍ଥ୍ୟ ଓ ଆଲୋକ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଠିକ୍ ଭାବେ ହୋଇପାରି ନ ଥିବା ସରକାରଙ୍କ ଅପାରଗତା ବୋଲି କହି ନେତୃବୃନ୍ଦ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲା ମହିଳା ସଭାପତି ସ୍ମିତାରାଣୀ ସାମଲ, ବରିଷ୍ଠ କଂଗ୍ରେସ ନେତା ସୁବାସଚନ୍ଦ୍ର ପାଲ, ତ୍ରିନାଥ ବେହେରା, ସୁନୀଲ ଦାଶ, ଶିଳ୍ପୀଶ୍ରୀ ହରିଚନ୍ଦନ ପ୍ରମୁଖ ଦଳୀୟ ନଗରପାଳ ପ୍ରାର୍ଥୀ ରୀତା ପଲେଇଙ୍କ ସହ ଏନ୍ଏସିର ୩ନଂ, ୪ନଂ ଓ ୫ନଂ ୱାର୍ଡରେ ଘରକୁ ଘର ବୁଲି ଭୋଟ ମାଗିଥିଲେ। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଦୁର୍ନୀତି ଚରମସୀମାରେ ପହଞ୍ଚିଥିବା ବେଳେ ଉଭୟେ ବିଜେଡି ଓ ଭାଜପା କଳା ଟଙ୍କାରେ ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ପ୍ରଚାରରେ ସ୍ଥାନୀୟ ନେତୃବୃନ୍ଦ, କର୍ମୀଙ୍କ ଅପେକ୍ଷା ବାହାର ଅଞ୍ଚଳର କର୍ମୀ ଓ ନେତା ଅଧିକ ବୁଲୁଥିବା ହିନ୍ଦୋଳବାସୀ ଜାଣି ସାରିଲେଣି। ଉଚିତ ସମୟରେ ଏହାର ଜବାବ ଦେବେ ବୋଲି କଂଗ୍ରେସ ସଭାପତି କହିଥିଲେ।


କଂଗ୍ରେସ ପକ୍ଷରୁ ପ୍ରଚାର।


ଭାଜପା ପକ୍ଷରୁ ପ୍ରଚାର।

# ଧୂଳିରେ ଅତିଷ୍ଠ କୁଞ୍ଜୀକାନ୍ତ ଅଞ୍ଚଳବାସୀ

### ପ୍ରଶାସନ ନିର୍ଦ୍ଦେଶକୁ ଠିକାସଂସ୍ଥାର ବେଖାତିର

**ଢେଙ୍କାନାଳ ଅଫିସ,୨୭।୩**

ଢେଙ୍କାନାଳ କଲେଜ ବାଇପାସ ଛକଠାରୁ ସହର ମଧ୍ୟଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ରାସ୍ତା ନିର୍ମାଣ ସମୟରେ ପାଣି ସିଞ୍ଚନ କରାଯାଉ ନ ଥିବାରୁ ନିର୍ମାଣ କାର୍ଯ୍ୟ ଚାଲୁଥିବା ଅଞ୍ଚଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧୂଳିଧୂଆଁରେ ସାଧାରଣ ଜୀବନଯାପନ ଅତିଷ୍ଠ ହୋଇଛି। ବିଶେଷକରି କୁଞ୍ଜକାନ୍ତ ଅଞ୍ଚଳରୁ ଗୁଡିଆନାଳୀ ଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାରେ ଧୂଳିଧୂଆଁ ଯୋଗୁ ବାଇକ୍ ଓ ସାଇକେଲ ଚାଳକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସ୍, ଟ୍ରକ୍ ଏବଂ ଚାରଚକିଆ ଯାନଗୁଡିକ ବେଗ ନ କମାଇ ଦ୍ରୁତ ଗତିରେ ଯାଉଥିବାରୁ ରାସ୍ତା ନିର୍ମାଣ ପାଇଁ ପଡୁଥିବା ଡଷ୍ଟ ଉଡି ଅଞ୍ଚଳ ଧୂଳି ଧୂସରମୟ ହେଉଛି। ଏହାକୁ ନେଇ ରାସ୍ତା କଡରେ ଜଳଖିଆ ଦୋକାନ, ହୋଟେଲ ଓ ପନିପରିବା ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ତଳେ ଜିଲାପାଳ ଓ ଏସ୍‌ପି ଏ ସଂକ୍ରାନ୍ତରେ ଅଭିଯୋଗ ପାଇ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଘଟଣାସ୍ଥଳକୁ ଯାଇ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ରାସ୍ତା ନିର୍ମାଣ ସମୟରେ ନିୟମିତ ପାଣି ପକାଇବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। କିଛିଦିନ ପାଣି ପଡିବା ପରେ ବର୍ତ୍ତମାନ ଠିକାସଂସ୍ଥା ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା ଓ ବେଖାତିର କରୁଥିବାରୁ ନିର୍ମାଣାଧୀନ ରାସ୍ତାରେ ଧୂଳି ଉଡି ସାଧାରଣ ଜୀବନଯାପନ ବ୍ୟାହତ କରୁଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ମୁଖ୍ୟ କନଷ୍ଟ୍ରକଶନ ଇଞ୍ଜିନିୟର ଅଶୋକ କୁମାର ଗିରି କୁହନ୍ତି, ଘଟଣା ସମ୍ପର୍କରେ ଖବର ପାଇଛି। ତୁରନ୍ତ ଠିକାଦାରଙ୍କୁ ନିର୍ମାଣାଧୀନ ରାସ୍ତାରେ ପାଣି ପକାଇବା ପାଇଁ ଜଣାଇ ଦିଆଯାଇଛି।


ରାସ୍ତାରେ ପ୍ରବଳ ଧୂଳି ଉଡୁଥିବାରୁ ଯାତାୟାତରେ ଅସୁବିଧା ହେଉଛି।

# ନୃତ୍ୟ, ବାଦ୍ୟରେ ସାମିଲ ହେଲେ ନାଟ୍ୟକର୍ମୀ

### ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ପଦଯାତ୍ରା

**ଢେଙ୍କାନାଳ ଅଫିସ,୨୭।୩**

ଢେଙ୍କାନାଳ ସହରରେ ସୋମବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନାଟ୍ୟ ଅନୁଷ୍ଠାନ ଅଲଟରନେଟିଭ ରିଦିମ ଥିଏଟର ପକ୍ଷରୁ ଆୟୋଜିତ ଏହି ଦିବସରେ ସକାଳ ସାଢେ ୬ଟାରେ ସହରସ୍ଥିତ ବାଜିଚୌକ ଠାରୁ ଏକ ନାଟ୍ୟ ପଦଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଅଲଟରନେଟିଭ ରିଦିମ ଥିଏଟର ଅନୁଷ୍ଠାନ ସହିତ ଶିଳ୍ପୀ, କଳାପରିଷଦ ଏବଂ ବିଭିନ୍ନ ନାଟ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, କଳାକାରମାନେ ସାମିଲ ହୋଇଥିଲେ। ପାରମ୍ପରିକ ଲୋକନୃତ୍ୟ ମାଧ୍ୟମରେ ଏହି ପଦଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲା। ସେଠାରେ ବିଶ୍ୱ ନାଟ୍ୟ ଦିବସର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ବିଶିଷ୍ଟ ନାଟ୍ୟକାର, କଳାକାର ଓ ନାଟ୍ୟ ନିର୍ଦ୍ଦେଶକମାନେ ଆଲୋକପାତ କରି କହିଲେ ଯେ, ନାଟକ ସମାଜର ଦର୍ପଣ ସ୍ୱରୂପ। ସମାଜରେ ଦୈନନ୍ଦିନ ଘଟୁଥିବା ବିଭିନ୍ନ କଥାକୁ ନାଟକ ମାଧ୍ୟମରେ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରାଯାଇଥାଏ। ଏକ ସୁସ୍ଥ ସମାଜ ଗଠନ ଦିଗରେ ନାଟକର ପ୍ରମୁଖ ଭୂମିକା ରହିଛି ବୋଲି ନାଟ୍ୟକାରମାନେ ମତବ୍ୟକ୍ତ କରିଥିଲେ। ଅଲଟରନେଟିଭ ରିଦିମ ଥିଏଟର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ଦିଲୀଶ୍ୱର ମହାରଣା, ଶତ୍ରୁଘ୍ନ ମାଟି, ଶରତ ମାଝି, ପରେଶ ପଟ୍ଟନାୟକ, ଇନ୍ଦ୍ରମଣି ବେହେରା, ମୃଣାଳ ଚାଟାର୍ଜୀ, ବିନୋଦ ମହାନ୍ତି, ରାଜକିଶୋର ବେହେରା, ମନୋହର ଶତପଥୀ, ଦେବକାନ୍ତ ମିଶ୍ର, କାମାକ୍ଷା ପ୍ରସାଦ ରଣା, ବିଶ୍ୱନାଥ ବେହେରା, ଅଶୋକ ଦାସଙ୍କ ସମେତ ନାଟ୍ୟକର୍ମୀମାନେ ଯୋଗ ଦେଇଥିଲେ।



ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ନାଟ୍ୟକର୍ମୀମାନେ ପଦଯାତ୍ରାରେ ସାମିଲ ହୋଇଛନ୍ତି।

# ଭାରୋତ୍ତୋଳନରେ ଚମକିଲେ ପ୍ରତ୍ୟୁଷ

**ଢେଙ୍କାନାଳ ଅଫିସ, ୨୭।୩**

ଗଞ୍ଜାମ ଜିଲା ବ୍ରହ୍ମପୁର କୁଇନ ଅଫ୍ ଦି ମିଶନ ହାଇସ୍କୁଲ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ୨ଦିନିଆ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବର୍ଗରେ ଢେଙ୍କାନାଳର ପ୍ରତ୍ୟୁଷ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୮୯ କେଜି ବିଭାଗରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଛନ୍ତି। ଢେଙ୍କାନାଳ କଲେଜରୋଡ୍‌ରେ ରହୁଥିବା ଦୀପାଞ୍ଜଳି ବେହେରା ଓ କାର୍ତ୍ତିକ ପରିଡ଼ାଙ୍କ ଏକମାତ୍ର ପୁଅ ପ୍ରତ୍ୟୁଷ ଢେଙ୍କାନାଳ ସଦର ବ୍ଲକ ବଣସିଂହସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଛନ୍ତି। ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।


ପଦକ ସହ ପ୍ରତ୍ୟୁଷ ପରିଡ଼ା।

# ବେଆଇନ ମଦ କାରବାର ବନ୍ଦ ଦାବି

**ଢେଙ୍କାନାଳ ଅଫିସ,୨୭।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ପଞ୍ଚାୟତ ଅଚଳକୋଟ ବଡସାହି କାଳିଆତଇଳା ଗ୍ରାମରେ କେତେଜଣ ବ୍ୟକ୍ତି ବେଆଇନ ଭାବେ ଦେଶୀ, ବିଦେଶୀ ମଦ କାରବାର କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମର ମହିଳାମାନେ ସୋମବାର ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ମହିଳାମାନେ ଦର୍ଶାଇଛନ୍ତି, ଗ୍ରାମରେ ବେଆଇନ ନିଶା କାରବାର ବଢ଼ିଚାଲିଛି। ଫଳରେ ଅନେକ ପୁରୁଷ ନିଶାଖାଇ ବିଭିନ୍ନ ରୋଗର ସମ୍ମୁଖୀନ ହେବା ସହ ଅଳ୍ପ ବୟସରେ ଜୀବନ ହରାଉଛନ୍ତି। ଏଥିସହ ଘରେ ଘରେ ପାରିବାରିକ ସୁଖଶାନ୍ତି ବ୍ୟାହତ ହେଉଛି। ପୁରୁଷମାନେ ରୋଜଗାର ଅର୍ଥ ମଦ କିଣାରେ ଖର୍ଚ୍ଚ କରୁଥିବାରୁ ପରିବାର ଚଳାଇବାରେ ଅସୁବିଧା ହେଉଛି। ତେଣୁ ତୁରନ୍ତ ଗ୍ରାମରେ ଏହି ଦେଶୀ ବିଦେଶୀ ମଦ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗ୍ରାମରେ ନିଶା ଦ୍ରବ୍ୟ ବିକ୍ରି ବନ୍ଦ କରିବା ପାଇଁ ମହିଳା ସଂଘକୁ ଅନୁମତି ପ୍ରଦାନ ନିମନ୍ତେ ପ୍ରଭାତି ବାରିକ, ମମତା ଭୂତିଆ, କୁନି ନାୟକ, ଅହଲ୍ୟା ନାୟକ, ପ୍ରତିମା ମହାପାତ୍ର, ଚନ୍ଦ୍ରମା ନାୟକ ଓ ଜ୍ୟୋତ୍ସ୍ନା ସାହୁ ପ୍ରମୁଖ ଦାବି କରିଛନ୍ତି।



ମଦ କାରବାର ବନ୍ଦ ପାଇଁ ଗ୍ରାମର ମହିଳାମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ୯୬ ଅଭିଯୋଗର ସମାଧାନ

**ଭୁବନ,୨୭।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୧୦ ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ୧୦୧ଟି ନିଜସ୍ୱ ଓ ୯ଟି ମିଳିତ ଅଭିଯୋଗ ରହିଥିଲା। ମୋଟ୍ ୯୬ ଅଭିଯୋଗର ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୨୮ ହଜାର ଟଙ୍କା ସହାୟତା ଏବଂ ଜିଲା ରେଡକ୍ରସ୍ ପାଣ୍ଠିରୁ ଜଣେ ବ୍ୟକ୍ତିଙ୍କୁ ୫ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଶୋକ ଦାସ, ଭୁବନ ବିଡିଓ କଲ୍ୟାଣ ସୌରଭ ଦାସ ଓ ତହସିଲଦାର ଅଂଶୁମାନ ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ବିଭାଗର ସହକାରୀ କିରାଣି ସୁଜିତ ସାମଲ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ଜମି ଚିହ୍ନଟ, ଜବରଦଖଲ ଉଚ୍ଛେଦ

**ଭୁବନ,୨୭।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ନୂତନ ଉଦ୍ୟାନ ନିର୍ମାଣ ପାଇଁ ସୋମବାର ପ୍ରଶାସନିକସ୍ତରରେ ଜାଗାଚିହ୍ନଟ ଓ ଜରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଲୋକଙ୍କ ଚିତ୍ତବିନୋଦନ ପାଇଁ ସରକାରଙ୍କ ପକ୍ଷରୁ ଏକ ବୃହତ ଉଦ୍ୟାନ ପାଇଁ ବିଗତ ଦିନରେ ପ୍ରାୟ ୭୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ମାତ୍ର ଠିକ୍ ସ୍ଥାନ ନିରୂପଣ ଓ ଜବର୍‌ଦଖଲ ଉଚ୍ଛେଦ ହୋଇ ନ ପାରିବାରୁ ଅନୁଦାନ ଫେରି ଯିବାକୁ ବସିଥିଲା। ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ନଗରପାଳ ଶୁଭେନ୍ଦୁ ସାହୁ ପ୍ରଶାସନିକ ଅଧିକାରୀ ଓ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଉପସ୍ଥିତିରେ ବୁଦ୍ଧେଶ୍ୱର ନିକଟରେ ଥିବା ସରକାରୀ ଜମିରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ନଗରପାଳ, କାଉନସିଲର ପପୁ କୁମାର ସାହୁ, ଭୁବନ ତହସିଲଦାର ଅଂଶୁମାନ ଦାସ, ଅତିରିକ୍ତ ତହସିଲଦାର ରାଜୀବ ଲୋଚନ ବେହେରା, ଉପଖଣ୍ଡ ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ, ଏନ୍ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, କନିଷ୍ଠ ଯନ୍ତ୍ରୀ ଶକ୍ତିପ୍ରସାଦ ସାହୁଙ୍କ ସମେତ ସମସ୍ତ ଅଞ୍ଚଳର ବୁଦ୍ଧିଜୀବୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଟାଟାଷ୍ଟିଲ୍‌କୁ ଇସ୍ପାତ ସୁରକ୍ଷା ପୁରସ୍କାର

**ଢେଙ୍କାନାଳ ଅଫିସ,୨୭।୩**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀକୁ ଉଲ୍ଲେଖନୀୟ ସୁରକ୍ଷା ବ୍ୟବସ୍ଥା ପାଇଁ ଜଏଣ୍ଟ କମିଟି ଅନ୍ ସେଫ୍‌ଟି, ହେଲଥ ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ଇନ୍ ଷ୍ଟିଲ ଇଣ୍ଡଷ୍ଟ୍ରି ପକ୍ଷରୁ ସମ୍ମାନଜନକ ଇସ୍ପାତ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏକ ବିଶିଷ୍ଟ ଜାତୀୟ ସୁରକ୍ଷା ସଂସ୍ଥା ହେଲଥ୍ ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ଇନ୍ ଷ୍ଟିଲ ଇଣ୍ଡଷ୍ଟ୍ରି ପକ୍ଷରୁ ୨୦୨୩ ମାର୍ଚ୍ଚ ୨୨ ତାରିଖରେ ରାଞ୍ଚିଠାରେ ଆୟୋଜିତ ଇସ୍ପାତ ସୁରକ୍ଷା ପୁରସ୍କାର ସମାରୋହରେ ଟାଟା ଷ୍ଟିଲ ମେରାମଣ୍ଡଳୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୧ ଓ ୨୦୨୨ କ୍ୟାଲେଣ୍ଡର ବର୍ଷ ପାଇଁ ସମ୍ମନ୍ୱିତ ଇସ୍ପାତ କାରଖାନାରେ ଶୂନ ଘାତକ ଦୁର୍ଘଟଣା ଏବଂ ୨୦୨୧ କ୍ୟାଲେଣ୍ଡର ବର୍ଷରେ ଏକ ସମ୍ମନ୍ୱିତ ଇସ୍ପାତ କାରଖାନାରେ ଚୁକ୍ତିଭିତ୍ତିକ ଶ୍ରମିକ ଜଡିତ ଥିବା ଶୂନଘାତକ ଦୁର୍ଘଟଣା ସମେତ ବିଭିନ୍ନ ବର୍ଗରେ କମ୍ପାନୀକୁ ୧୨ଟି ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀର ଇଞ୍ଜିନିୟରିଂ ଓ ପ୍ରୋଜେକ୍ଟ ବିଭାଗ ଲଗାତର ୪ର୍ଥ ବର୍ଷ ପାଇଁ ଏହି ପୁରସ୍କାର ହାସଲ କରିଛି। କମ୍ପାନୀର କାର୍ଯ୍ୟକ୍ଷେତ୍ର ସୁରକ୍ଷା ମୁଖ୍ୟ ଉପେନ୍ଦ୍ର ପ୍ରସାଦ ଯାଦବ, ବ୍ଲାଷ୍ଟ ଫର୍ନେସ ପରିଚାଳନା ମୁଖ୍ୟ ସୁବ୍ରତ କୁଲୁ, ସିଣ୍ଟର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଜୁଗୁନୁ କୋଠାରୀ, ବାଇ ପ୍ରଡକ୍ଟ କୋକ୍ ଓଭେନ ମୁଖ୍ୟ ପୁଷ୍ପେନ୍ଦ୍ର କୁମାର, ସେଣ୍ଟ୍ରାଲ ମେଣ୍ଟେନାନ୍ସ ପ୍ଲାନିଂ ମୁଖ୍ୟ ରାଜେଶ କୁମାର ଦୁବେ ଓ ଅନ୍ୟମାନେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ହେଲଥ ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ଇନ୍ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ତଥା ସେଲ୍‌ର ନିର୍ଦ୍ଦେଶକ ଏ.କେ. ସିଂହ, ସଦସ୍ୟ ସଚିବ ଓ ସେଲ ଏସ୍ଏସ୍‌ଓ ସିଜେଏମ୍ ଏସ୍. ବଶିଷ୍ଠ, ହେଲଥ ଆଣ୍ଡ ଏନ୍‌ଭାଇରନମେଣ୍ଟ ଇନ୍ ଷ୍ଟିଲ ଇଣ୍ଡଷ୍ଟ୍ରିର ଉପାଧ୍ୟକ୍ଷ ଓ ସେଲ ଏସ୍ଏସ୍‌ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷ ଓ ଆଇଏନ୍‌ଟିୟୁସି ସଭାପତି ଡ. ଜି. ସଞ୍ଜୀବ ରେଡି ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର,ମଙ୍ଗଳବାର, ୨୮ ମାର୍ଚ୍ଚ ୨୦୨୩

## ଟ୍ରକ୍ ଧକ୍କାରେ ଜଣେ ଗୁରୁତର

ବଇଣ୍ଡା,୨୭।୩(ଡି.ଏନ.ଏ.): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଲୁହାମୁଣ୍ଡା ନିକଟରେ ସୋମବାର ସକାଳେ ଏକ ଟ୍ରକ୍ ଧକ୍କାରେ ସାଇକେଲ ଚାଳକ ହଣ୍ଡପା ଥାନା ପ୍ରତାପପୁର ଗ୍ରାମର ନାରାୟଣ ପ୍ରଧାନ (୬୦) ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ପରେ ଟ୍ରକ୍ ପଳାଇ ଯାଉଥିବାବେଳେ ଜରପଡା ପୋଲିସ ଗାଡ଼ି ଜବତ କରି ହଣ୍ଡପା ପୋଲିସକୁ ସ୍ଥାନାନ୍ତର କରିଛି। ପୋଲିସ ଟ୍ରକ୍ ଜବତ କରିବା ସହ ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ୭୬ ଅଭିଯୋଗର ଶୁଣାଣି

ଅନୁଗୋଳ ଅଫିସ, ୨୭।୩: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୬ଟି ଅଭିଯୋଗରୁ ୬୯ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ୩୨ଟି ଅଭିଯୋଗର ଫଇସଲା ତୁରନ୍ତ ଶିବିରରେ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨ ଜଣଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଓ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଓ ଅନ୍ୟ ଜଣଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୬ ଗିରଫ

ବଇଣ୍ଡା,୨୭।୩(ଡି.ଏନ.ଏ.): ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର କିଶୋରନଗର, ଠାକୁରଗଡ଼ ଓ ଆଠମଲ୍ଲିକ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୨୩୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କିଶୋରନଗର ଥାନା ଧଡ଼ରପାଳ ଗ୍ରାମର ମୁକୁନ୍ଦ ଭୋଇ, ଆଠମଲ୍ଲିକ ଥାନା ଦେଉଳବେଡା ଗ୍ରାମର ପରମାନନ୍ଦ ସାହୁ, ଠାକୁରଗଡ଼ ଥାନା ଅଞ୍ଚଳର ଧଣ୍ଡାତୋପା ଗ୍ରାମର ବ୍ରହ୍ମା ବେହେରା, ଶ୍ରୀଧର ବେହେରା, ଅନଙ୍ଗ ବେହେରା ଏବଂ ସାନହୁଲା ଗ୍ରାମର ସନ୍ତୋଷ କୁଦେଇଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲେ।

### ବ୍ରାଉନସୁଗାର ଜବତ

ଅନୁଗୋଳ ଅଫିସ,୨୭।୩- ଅନୁଗୋଳ ସହର ଗୀତାଗ୍ରାମଠାରୁ ସୋମବାର ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ଅନୁଗୋଳ ପୋଲିସ ୬ ଜଣଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି। ଏମାନେ ବ୍ୟବସାୟ ଉଦ୍ଦେଶ୍ୟରେ ବ୍ରାଉନସୁଗାର ରଖିଥିବା ପୋଲିସ ବିଶ୍ୱସ୍ତସୂଚନା ପାଇଁ ଚଢାଉ କରିଥିଲା। ଜବତ ବ୍ରାଉନସୁଗାର ସମ୍ପର୍କରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇ ନାହିଁ।

# ନିରାଶ ଚାଷୀଙ୍କ ପାଇଁ ସମବାୟ ସମିତି

## ବ୍ୟାଙ୍କ ସେବା ଓ ଋଣ ମେଳା କର୍ମଶାଳା

ଢେଙ୍କାନାଳ ଅଫିସ,୨୭।୩



ଜାତୀୟକରଣ ବ୍ୟାଙ୍କରୁ ହତାଶ ହୋଇଥିବା ଚାଷୀଙ୍କୁ ସମବାୟ ସମିତି ସାହାଯ୍ୟର ହାତ ବଢାଇଥାଏ। ଚାଷୀମାନଙ୍କ ହିତରେ ସର୍ବଦା କୃଷି ସମବାୟ ସମିତିଗୁଡିକ କାର୍ଯ୍ୟକରି ଆସୁଛି ବୋଲି ଢେଙ୍କାନାଳ ସମବାୟ ସମିତି ଉପନିବନ୍ଧକ ସରୋଜିନୀ ଜେନା କହିଛନ୍ତି। ଢେଙ୍କାନାଳ ସଦର ବ୍ଲକ ବଣସିଂହ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଶନିବାର ଅନୁଷ୍ଠିତ ବ୍ୟାଙ୍କ ସେବା ଓ ଋଣମେଳା କର୍ମଶାଳାକୁ ଉଦ୍‌ଘାଟନ କରି ଉପ ନିବନ୍ଧକ ଜେନା ଏହା କହିଛନ୍ତି।

କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲଳିତ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ନନ୍ଦ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଢେଙ୍କାନାଳ ପରିଚାଳକ ଚୌଧୁରୀ ଶୈଳେନ୍ଦ୍ର କୁମାର ଦାସ, କୋଅପରେଟିଭ ସୁପରଭାଇଜର ଆଲୋକ ବେହେରା ଓ ସତ୍ୟବ୍ରତ ଦାସ, ସମବାୟ ନିରୀକ୍ଷକ ଦେବାଶିଷ ସାହୁ, ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣିମା ଦେହୁରୀ, ରାଧାଦେଇପୁର ସମିତି ସଭ୍ୟ ଗଙ୍ଗାଧର ସେଠୀ ପ୍ରମୁଖ କର୍ମଶାଳାରେ ଅତିଥି ଭାବେ ଯୋଗ ଦେଇଥିଲେ। ସମିତି ସଭାପତି ଅଶୋକ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାକୁ ସମିତିର ପରିଚାଳନା ପରିଷଦ ନିର୍ଦ୍ଦେଶକ ଶିଶିର ଶତପଥୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ପ୍ରକାଶ ଚନ୍ଦ୍ର ହୋତା, ଚାଷୀ ଶତ୍ରୁଘ୍ନ ହୋତା, ରାଧାଦେଇପୁର ସରପଞ୍ଚ ଟୁନିସିନି ବାରିକ, ଜଳଧର ବେହେରା, ସମିତି ସମ୍ପାଦକ ସୁବ୍ରତ ରାଉତ, ପରିଚାଳନା ବୋର୍ଡ ନିର୍ଦ୍ଦେଶକ ନିରାକାର ପୁହାଣ, ସରୋଜ ଶତପଥୀ, ପ୍ରସନ୍ନ କୁମାର ପଣ୍ଡା, ସୁଶାନ୍ତ ହୋତା, ଭାଗ୍ୟଧର ପରିଡା, ଦୟମନ୍ତୀ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ବଣସିଂହ ଓ ରାଧାଦେଇପୁର ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ୫ଜଣ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ଯୋଜନାରେ କାର୍ଡ ବଣ୍ଟନ କରାଯାଇଥିଲା।

ସେହିପରି ସଦର ବ୍ଲକ ଗେଙ୍ଗୁଟିଆ କୃଷି ସମବାୟ ସମିତିରେ ବ୍ୟାଙ୍କିଙ୍ଗ ସେବା ଓ ଋଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସମବାୟ ଉପନିବନ୍ଧକ ସରୋଜିନୀ ଜେନା ମୁଖ୍ୟ ଅତିଥି, ସମବାୟ ନିରୀକ୍ଷକ ସୁଚିସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମିତି ସଭାପତି ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି କମଳିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିବିରରେ ଗେଙ୍ଗୁଟିଆ, ବାରଦା, ସାଙ୍କୁଲେଇ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଏବଂ ଚାଷୀ ବସନ୍ତ କୁମାର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ସମିତି ନିର୍ଦ୍ଦେଶକ ଅକ୍ଷୟ ମଲ୍ଲିକ, ନିରଞ୍ଜନ ମହାନ୍ତି, ନବକିଶୋର ସାହୁ, ବିଦ୍ୟାଧର ବିଶ୍ୱାଳ, କୋଇ ମଲ୍ଲିକ, ଭାରତୀ ପଟ୍ଟନାୟକ, ପ୍ରଭାତ ଦାସ, ଚନ୍ଦରା ମଲ୍ଲିକ, ବିରଞ୍ଚି ମଲ୍ଲିକ, ଉମ୍ବରୁଧର ବେହେରା, ସମିତି ସମ୍ପାଦକ ସୁଧୀର କୁମାର ସାହୁ, ସହ ସମ୍ପାଦକ ସୌଭାଗ୍ୟ କୁମାର ମିଶ୍ର, ଡିଇଓ ଅଶ୍ୱିନୀ କୁମାର ସାହୁ, କର୍ମଚାରୀ ମନୋଜ ନାୟକ ଏବଂ ବୀଣାକାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ କୁମାର ମଲ୍ଲିକ ମଞ୍ଚ ସଞ୍ଚାଳନ କରିଥିଲେ।

# କୃଷି ଋଣ ପ୍ରଦାନ ସମ୍ପର୍କିତ ଆଲୋଚନା

ଢେଙ୍କାନାଳ ଅଫିସ,୨୭।୩

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସମିତିସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମବାୟ ସମିତି ନିରୀକ୍ଷକ ଶ୍ରୀନାଥ ମୁଦୁଲି, ଯୋରନ୍ଦା ଶାଖା ପରିଚାଳକ ପ୍ରୀତିବର୍ଦ୍ଧନ ମହାନ୍ତି, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନାରା, କରମୂଳ ସରପଞ୍ଚ ସୌଭାଗିନୀ ବେହେରା, ସମିତି ସଭ୍ୟା ସସ୍ମିତା ପରିଡା, ସମବାୟ ସମିତି ସଭାପତି ସୁରେଶ ଚନ୍ଦ୍ର ତରାଇ, ଉପସଭାପତି ଟୁନି ସାହୁ, ପୂର୍ବତନ ସମ୍ପାଦକ ସୁଦର୍ଶନ ପାତ୍ର, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ଓ ବିଚିତ୍ରାନନ୍ଦ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅନ୍ୟ ୧୪ଜଣ ବୋର୍ଡ ସଭ୍ୟ ଯୋଗ ଦେଇଥିଲେ। ସମିତି ସମ୍ପାଦକ ଶ୍ରୀକାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରଙ୍କ ଦ୍ୱାରା କୃଷି ଋଣ ପ୍ରଦାନ, ସାର ବିହନ ଯୋଗାଇବା ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା। ୨୦୦ରୁ ଅଧିକ ଚାଷୀ ଏଥିରେ ଯୋଗ ଦେଇଥିଲେ। ଡିଇଓ ବିଷ୍ଣୁଚରଣ ସାହୁ, ହେମନ୍ତ କୁମାର ବୋଇତାଇ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି ସୁରେଶଚନ୍ଦ୍ର ତରାଇ ଧନ୍ୟବାଦ ଦେଇଥିବା ବେଳେ ବିଚିତ୍ରାନନ୍ଦ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।




କରମୁଳଠାରେ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା।

# ଅନୁଗୋଳ ବିଜେଡିରେ ଉତ୍ସାହ

## ପ୍ରଣବ ନୂଆ ପର୍ଯ୍ୟବେକ୍ଷକ

ଅନୁଗୋଳ ଅଫିସ, ୨୭।୩



ରାଜ୍ୟ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାକୁ ନେଇ ଅନୁଗୋଳ ଜିଲା ବିଜେଡି ଶିବିରରେ ଅଧିକ ଉତ୍ସାହ ଦେଖାଦେଇଛି। ବିଧାୟକଙ୍କ ପାଖରୁ ଆରମ୍ଭ କରି ଜିଲା ସଭାପତି ଓ ଛାମୁଆ ସଂଗଠନ ପକ୍ଷରୁ ନୂଆ ପର୍ଯ୍ୟବେକ୍ଷକଙ୍କୁ ଅଭିନନ୍ଦନ ଜଣାଯାଇଛି। ଜିଲା ବିଜେଡି ସଭାପତି ମହେନ୍ଦ୍ର କୁମାର ବଡ଼ିଆ ଏକ ଭିଡିଓ ବାର୍ତ୍ତାରେ ଅନୁଗୋଳ ବିଜେଡି ତରଫରୁ ଏବଂ ଏମ୍‌ପି, ବିଧାୟକ, ଯୁବ ବିଜେଡି, ଛାତ୍ର ବିଜେଡି ଓ ମହିଳା ବିଜେଡି ପକ୍ଷରୁ ଦଳର ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ନୂତନ ପର୍ଯ୍ୟବେକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନୂଆ ପର୍ଯ୍ୟବେକ୍ଷକଙ୍କ ଯୋଗୁ ଅନୁଗୋଳ ବିଜେଡି ପୂର୍ବାପେକ୍ଷା ଅଧିକ ଦୃଢ଼ ହେବାର ଆଶା ରଖାଯାଇଛି ବୋଲି ଜିଲା ବିଜେଡି ସଭାପତି ପ୍ରକାଶ କରିଛନ୍ତି। ସେହିପରି ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ଛାତ୍ର ସଭାପତି ରାଜୀବ ଲୋଚନ ଦାସଙ୍କ ସହ ଅନ୍ୟମାନେ ମଧ୍ୟ ନୂତନ ପର୍ଯ୍ୟବେକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୋଖରୀରେ ବୁଡ଼ି ଜଣେ ମୃତ

ପରଜଙ୍ଗ,୨୭।୩(ଡି.ଏନ.ଏ.)

ପରଜଙ୍ଗ ବ୍ଲକ କଲଦା ଗ୍ରାମର ଧ୍ରୁବଚରଣ ସାହୁ (୪୭) ସୋମବାର ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଧ୍ରୁବଚରଣ ପୋଖରୀକୁ ଗାଧୋଇବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ପରଜଙ୍ଗ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀ ଭିତରୁ ଧ୍ରୁବଚରଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରଜଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏ ନେଇ କଲଦା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସରକାରୀ ସହାୟତା ମିଳିଲେ ନାଟକ ବଞ୍ଚିବ

ଅନୁଗୋଳ ଅଫିସ,୨୭।୩

ଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ସ୍ଥାନୀୟ ଜିଲା ପାଠାଗାର ସମ୍ମିଳନୀ କକ୍ଷରେ ବିଶ୍ୱନାଟ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ମୁଖ୍ୟବକ୍ତା ଭାବେ ନାଟ୍ୟକାର ନବଦୀପ ମହାଳିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟକକୁ ଲେଖିବାଠାରୁ ନେଇ ପରିବେଷଣ ଯାଏ ଠିକ୍ ରହିଲେ ନାଟକର ଆଦୃତି ବଢିବ ବୋଲି ମୁଖ୍ୟବକ୍ତା ମହାଳିକ ପ୍ରକାଶ କରିଥିଲେ। ଏହି ଅବସରରେ ନାଟ୍ୟକାର ଦୁଃଖବନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସାହିତ୍ୟ ସଂସଦ ସଭାପତି ରାଧାକାନ୍ତ ମହାନ୍ତି, ନାଟ୍ୟମ ସଦସ୍ୟ ରାିନ୍ଦ୍ରନାଥ ସାହୁ, ନାଟ୍ୟମ ସମ୍ପାଦକ ସମୀର ପଟ୍ଟନାୟକ, ଆଇନଜୀବୀ ବସନ୍ତ ଦାସ, ଶିକ୍ଷକ ନେତା ସରୋଜ ପାଣିଗ୍ରାହୀ, ନାଟ୍ୟକାର ବିଜୟ ଦାସ, ଅଭିନେତା ଗୋବିନ୍ଦ ଚନ୍ଦ୍ର ଥମ୍ବ, ରାମକୃଷ୍ଣ ତ୍ରିପାଠୀ, ଅକ୍ଷୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କଳାକାର ସଦସ୍ୟା ଜୟନ୍ତୀ ପ୍ରଧାନ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ପଠନ କରିଥିଲେ। କଳାକାରର ବରିଷ୍ଠ ସଦସ୍ୟ ବୈରାଗୀ ଚରଣ ମଲ୍ଲିକ ମଞ୍ଚ ସଞ୍ଚାଳନ କରିଥିଲେ। କଳାକାର ଉପ ସଭାପତି ବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।




# ଜେଏମ୍‌ଏଫ୍‌ସି କୋର୍ଟ ପାଇଁ ସ୍ଥାନ ନିରୂପଣ

ବଇଣ୍ଡା,୨୭।୩(ଡି.ଏନ୍.ଏ)

ଅନୁଗୋଳ ଜିଲା କିଶୋରନଗରଠାରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ରବିବାର କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ ସାଧୁପାଳ ନିକଟରେ ୩ ଏକର ଜମି ଚିହ୍ନଟ କରାଯାଇଛି। ଜିଲା ଜଜ୍ ପ୍ରଣବ କୁମାର ପାତ୍ର ବୁଲି ଜମି ଦେଖିବା ସହ କିଶୋରନଗରଠାରେ ଥିବା ବିଜୁ ସ୍ମୃତି କମିଟି ଗୃହରେ ଅସ୍ଥାୟୀ ଭାବେ ଖୁବ୍‌ଶୀଘ୍ର ଜେଏମ୍‌ଏଫସି କୋର୍ଟ ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ହିମାଂଶୁ ମହାଳିକ, କିଶୋରନଗର ଆଇଆଇସି ଲବ ବୋଡା, କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ ଦାସ, ଆଇନଜୀବୀ ପ୍ରତାପ ପ୍ରଧାନ, ଉଗ୍ରସେନ ସେଠୀ, ମାଧବ ଚନ୍ଦ୍ର ସାହୁ, ଓମ୍‌ଚାନ୍ଦ ପ୍ରଧାନ, ନବୀନ ପ୍ରଧାନ, ନିବେଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଜମି ଚିହ୍ନଟ ପାଇଁ ଆସିଥିବା ପ୍ରଶାସନିକ ଅଧିକାରୀମାନେ।

# ଲୁଟୁ ୱାରିୟର୍ସ ଚକାଡୋଲା କପ୍ ଚାମ୍ପିୟନ




ଅନୁଗୋଳ ଅଫିସ,୨୭।୩

ଅନୁଗୋଳସ୍ଥିତ ସ୍ଥାନୀୟ ବିଜୁ ମଇଦାନରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜରପଡ଼ା ଏଭରଗ୍ରୀନକୁ ପରାସ୍ତ କରି ଅନୁଗୋଳର ଲୁଟୁ ୱାରିୟର୍ସ ଚକାଡୋଲା କପ୍ ଜିତିଛି। ଅନୁଗୋଳ ରୟାଲ ମାଷ୍ଟର୍ସ କ୍ଲବ ତରଫରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଫ୍ଲଡ ଲାଇଟରେ ଖେଳାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ପୌର ପରିଷଦ ଉପାଧ୍ୟକ୍ଷା ଅନୁପମା ସାହୁ, ଭାଜପା ନେତା ଯଯାତୀ ପଟ୍ଟନାୟକ, ଦିଲୀପ ପ୍ରଧାନ, ଦୁଃଖବନ୍ଧୁ ସାହୁ, ଦିଲୀପ ଦାସ, ବିଭୂତି ସାହୁ, ତପନ ଦେବତା, ରତ୍ନାକର ଦାସ, ବ୍ୟବସାୟୀ ନାରାୟଣ ସାହୁ, ପବନ ମାଣ୍ଡୋଠିଆ, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ କ୍ଲବ୍ ସଭାପତି କମଳାକାନ୍ତ ସାହୁ, ଉପସଭାପତି ସୌମ୍ୟରଞ୍ଜନ ସାହୁ, ସମ୍ପାଦକ ଆଦର୍ଶ ସାହୁ, ସହ ସମ୍ପାଦକ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତମ ସେବା ଯୋଗାଇବାକୁ ପରାମର୍ଶ

ଆଠମଲ୍ଲିକ, ୨୭।୩ (ଡି.ଏନ.ଏ.)

ଆଠମଲ୍ଲିକ ସହର ଗାନ୍ଧୀଛକ ନିକଟରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଏହି ଶାଖାକୁ ଉଦ୍‌ଘାଟନ କରିବା ସହ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ କେନ୍ଦୁଝର ଜୋନାଲ ମ୍ୟାନେଜର ଉମେଶ କୁମାର ରଥ, ବିଶିଷ୍ଟ ବ୍ୟବସାୟୀ ମହେଶ ଅଗ୍ରୱାଲ, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଠମଲ୍ଲିକ ଶାଖା ପରିଚାଳକ ଆନସେଲେନ ମିଞ୍ଜ ସମସ୍ତ ଆୟୋଜନ କରିଥିବାବେଳେ ଅଫିସର ମୃତ୍ୟୁଞ୍ଜୟ ଡାଙ୍ଗ ସହଯୋଗ କରିଥିଲେ। ଓଡ଼ିଶାରେ ଏହି ବ୍ୟାଙ୍କର ୨୫୮ ଶାଖା ଥିବାବେଳେ କେନ୍ଦୁଝର ଜିଲାରେ ସର୍ବାଧିକ ୫୧ ଶାଖା ରହିଛି ଏବଂ ଅନୁଗୋଳ ଜିଲାରେ ଏହା ତୃତୀୟ ବୋଲି ଶାଖା ପରିଚାଳକ ମିଞ୍ଜ ସୂଚନା ଦେଇଛନ୍ତି।



ନୂଆ ଶାଖାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# କିଶୋରନଗର ଓକିଲ ସଂଘ ଗଠନ

ବଇଣ୍ଡା,୨୭।୩(ଡି.ଏନ.ଏ.)

କିଶୋରନଗରଠାରେ ରବିବାର ନୂତନ ଭାବେ ବ୍ଲକ ଓକିଲ ସଂଘ ଗଠନ ହୋଇଛି। ଏଥିରେ ଓକିଲଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀଦିନରେ ହେବାକୁ ଥିବା ଜେଏମ୍‌ଏଫସି କୋର୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଏକ ନୂତନ ଓକିଲ ସଂଘ ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରତାପ ପ୍ରଧାନ, ଉପସଭାପତି ଭାବେ ମାଧବ ଚନ୍ଦ୍ର ପ୍ରଧାନ, ନବୀନ ପ୍ରଧାନ, ସମ୍ପାଦକ ଭାବେ ଓମ୍‌ଚାନ୍ଦ ପ୍ରଧାନ, ଯୁଗ୍ମ ସହ ସମ୍ପାଦକ ଭାବେ ବିଦ୍ଧୁ ଭୂଷଣ ବଡ଼ମାଳି, କୁମୁଦ ପ୍ରଧାନ, କ୍ୟାଶିୟର ଭାବେ କୀର୍ତ୍ତିପାଳ ଦାସଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଗ୍ରସେନ ସେଠୀ, ଅନ୍ତର୍ଯ୍ୟାମୀ ରାଉଳ, ନିବେଦିତା ପ୍ରଧାନ, ଶୁଭଶ୍ରୀ ପ୍ରଧାନ, ହରେକୃଷ୍ଣ ସାହୁ, ପ୍ରାଣବନ୍ଧୁ ବେହେରା, ଜ୍ଞାନେନ୍ଦ୍ର ବେହେରା, କୁମୁଦ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଆଇନଜୀବୀମାନେ।

# ନୂତନ ଗୃହ ନିର୍ମାଣ ନିର୍ଦ୍ଦେଶ

## ଅନୁଗୋଳରେ ଉତ୍କଳ ବାଳାଶ୍ରମ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୨୭।୩

ଶିଶୁମାନଙ୍କ ବିକାଶ ଏବଂ ସୁରକ୍ଷା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିଶୁମାନଙ୍କୁ ଅସୁରକ୍ଷିତ ବଳୟ ମଧ୍ୟରୁ ଉଦ୍ଧାର କରି ସୁରକ୍ଷିତ ବଳୟ ମଧ୍ୟରେ ବଞ୍ଚିବା ଏବଂ ବିକାଶ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା। ଅନୁଗୋଳରେ ନୂତନ କରି ସ୍ଥାପନ କରାଯାଇଥିବା ସରକାରୀ ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମକୁ ସୋମବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍‌ଘାଟନ କରିବା ଅବସରରେ ଏହି ମତପ୍ରକାଶ କରିଛନ୍ତି। ଏଥିସହ ଏହି ବାଳାଶ୍ରମର ସମ୍ପୂର୍ଣ୍ଣ ସୁରକ୍ଷା ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଆରକ୍ଷୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଳାଶ୍ରମ ପରିସରରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବିପଦପୂର୍ଣ୍ଣ ଗୃହଗୁଡ଼ିକ ଭାଙ୍ଗି ନୂତନ ଗୃହ ନିର୍ମାଣ ଓ ପୂର୍ଣ୍ଣ ଆଲୋକୀକରଣ କରିବା ପାଇଁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ କର୍ଣ୍ଣ ମୁର୍ମୁ, ଶିଶୁ ମଙ୍ଗଳ କାର୍ଯ୍ୟ ତୁଲାଇବା ପାଇଁ ଅତିରିକ୍ତ ଦାୟିତ୍ୱ ପାଇଥିବା ଢେଙ୍କାନାଳ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ଜିଲା ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଅନୁଗୋଳ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସଞ୍ଜୀବ କର, ଚାଇଲ୍ଡ ଲାଇନ୍ ଅନୁଗୋଳ ଓ ପାଲଲହଡ଼ା ସଦସ୍ୟା ସଦସ୍ୟ, ଆଦୃତା ଶିଶୁ ସଦନର ଶିଶୁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।



ନୂତନ ଅନୁଷ୍ଠାନକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ

ଅନୁଗୋଳ ଅଫିସ,୨୭।୩

ଅନୁଗୋଳ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଶପଥ ନେଇଛନ୍ତି। ନିର୍ବାଚନ ଅଧିକାରୀ ପ୍ରମୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ସମାରୋହକୁ ସହକାରୀ ନିର୍ବାଚନ ଅଧିକାରୀ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ସୁବାସ ଚନ୍ଦ୍ର ମିଶ୍ର ନବ ନିର୍ବାଚିତ ସଭାପତି ଦିଲୀପ ସାହୁ ଓ ଉପସଭାପତି ନିରୋଦ ମିଶ୍ରଙ୍କୁ ଶପଥ ପାଠ କରାଇଥିଲେ। ବରିଷ୍ଠ ଆଇନଜୀବୀ ପରମାନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ସାମଲ ଓ ସହସମ୍ପାଦକ ପ୍ରେମାନନ୍ଦ ସାହୁଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ବରିଷ୍ଠ ଆଇନଜୀବୀ ବସନ୍ତ ଦାସ, ସାଂସ୍କୃତିକ ସମ୍ପାଦକ ପ୍ରଦୀପ ଚନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କୁ ଶପଥ ପାଠ କରାଇଥିଲେ। ବରିଷ୍ଠ ସଭ୍ୟ ସୁବାସ ଚନ୍ଦ୍ର ମିଶ୍ର, ପରମାନନ୍ଦ ମିଶ୍ର, ବସନ୍ତ ଦାସ, ଭୁପେଶ ପ୍ରଧାନ ପ୍ରମୁଖ ସଂଘକୁ କ୍ରିୟାଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ଦ୍ୱାରିକା ପ୍ରସାଦ ନନ୍ଦ, ପ୍ରମୋଦ ମାଝି, ରଜତ ଦାଶ, ପ୍ରସନ୍ନ ବେହେରା, ବ୍ରଜକିଶୋର ପ୍ରଧାନ, ଅରବିନ୍ଦ ମିଶ୍ର, ଶିବରାମ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



